# NATIONAL NEWS BULLETIN (ODIA)

**5 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଅବସରରେ ଆଜି ଦେଶବ୍ୟାପୀ ପାଳନ କରାଯାଉଛି ଗୁରୁଦିବସ ।

- ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ସାକାର ହୋଇପାରିବ ବିକଶିତ ଭାରତ ସ୍ୱପ୍ନ - କହିଲେ ରାଷ୍ଟ୍ରପତି ।

\- ନୂଆଦିଲ୍ଲୀଠାରେ ପ୍ରଦାନ କଲେ ଜାତୀୟ ଶିକ୍ଷକ ପୁରସ୍କାର ।

- କ୍ରୀଡ଼ା, ସକରାତ୍ମକ କାର୍ଯ୍ୟକଳାପ ଏବଂ ସୃଜନଶୀଳତାକୁ ଉତ୍ସାହ ପ୍ରଦାନ ମାଧ୍ୟମରେ ପିଲାଙ୍କୁ ସ୍କ୍ରିନ୍ ଟାଇମ୍‌ଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ।

- କେରଳମ୍‌ର ତ୍ରିଶୂର ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ।

ଏବଂ

- ଟି-୨୦ ମହିଳା ଏସିଆ କପ୍ କ୍ରିକେଟରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ହେବ ମ୍ୟାଚ୍ ।

# ଟିଚର୍ସ୍ ଡେ

ଦେଶବ୍ୟାପୀ ଆଜି ଗୁରୁଦିବସ ପାଳନ କରାଯାଉଛି । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଶିକ୍ଷାବିତ୍, ଲେଖକ, ବିଶିଷ୍ଟ ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀକୁ ଗୁରୁଦିବସ ଭାବେ ପାଳନ କରାଯାଇଥାଏ । ରାଷ୍ଟ୍ର ନିର୍ମାଣରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ଦିବସ ପାଳନକୁ ପ୍ରତିଫଳନ କରିଥାଏ । ଶିକ୍ଷକ, ଛାତ୍ରଛାତ୍ରୀଙ୍କ ଜୀବନକୁ ମାର୍ଗଦର୍ଶନ କରିବା ସହ ଭବିଷ୍ୟତ ସମାଜ ଗଠନ ପାଇଁ ମୂଳଦୁଆ ପକାଇଥାନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ଶିକ୍ଷାଦାନକୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଭାବେ ବର୍ଣ୍ଣନା କରିଛନ୍ତି । ଛାତ୍ରଛାତ୍ରୀଙ୍କ ଜୀବନରେ ଜ୍ଞାନ, ମୂଲ୍ୟବୋଧ ପ୍ରେରଣା ପ୍ରଦାନ କରିବାରେ, ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଛନ୍ତି । ଡକ୍ଟର ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି ସେ ଜଣେ ବିଦ୍ୱାନ, ରାଜନେତା, ଲେଖକ, ଦାର୍ଶନିକ ହୋଇ ମଧ୍ୟ ଶିକ୍ଷକତା ଜୀବନକୁ ନିଜର ସର୍ବୋତ୍କୃଷ୍ଟ ବୋଲି ସ୍ୱିକାର କରିଛନ୍ତି । ସେଇଥିପାଇଁ ତାଙ୍କ ଜନ୍ମଦିନକୁ ଦେଶବାସୀ ଗୁରୁଦିବସ ଭାବେ ପାଳନ କରୁଛନ୍ତି ।

**V/O**

ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କଲାମ ମଧ୍ୟ ଜଣେ ଶିକ୍ଷକ ଭାବରେ ସମାଜରେ ସ୍ମରଣୀୟ ହୋଇ ରହିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି । ଭାରତୀୟ ସଂସ୍କୃତିରେ ଆଚାର୍ଯ୍ୟ ଦେବୋଭବର ମହତ୍ୱ ଉପରେ ସୂଚନା ପ୍ରଦାନ କରି ରାଷ୍ଟ୍ରପତି କହିଛନ୍ତି ଶିକ୍ଷକଙ୍କ ପ୍ରୋତ୍ସାହନ

ଛାତ୍ରଛାତ୍ରୀଙ୍କ ଭିତରେ ଆତ୍ମବିଶ୍ୱାସ, ସାହସ, ସଂଯମ ଏବଂ ସମ୍ଭାବନାକୁ ଜାଗ୍ରତ କରିଥାଏ । ଶିକ୍ଷାକୁ ମାନବିକତା ଗଠନର ଏକ ପବିତ୍ର କାର୍ଯ୍ୟ ବୋଲି ରାଷ୍ଟ୍ରପତି ବର୍ଣ୍ଣନା କରିବା ସହ ଜଣେ ଶିକ୍ଷୟିତ୍ରୀ ଭାବରେ ନିଜର ଅଭିଜ୍ଞତାକୁ ସ୍ମରଣ କରିଛନ୍ତି ।

ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଶିକ୍ଷକ' ଜ୍ଞାନ ପ୍ରଦାନ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସଶକ୍ତ କରିଥାନ୍ତି । ଦେଶର ଭବିଷ୍ୟତର ମୂଳଦୁଆ ଆଦର୍ଶ ତଥା ଉତ୍ସର୍ଗୀକୃତ ଶିକ୍ଷକ ଏବଂ ଗୁଣାତ୍ମକ ଶିକ୍ଷା କ୍ଷେତ୍ର ଉପରେ ଆଧାରିତ ବୋଲି ଶ୍ରୀ ଯୋଶୀ ବର୍ଣ୍ଣନା କରିଛନ୍ତି । ଆଜିର ଦିବସ ପାଳନ ଅବସରରେ ପରବର୍ତ୍ତୀ ପୀଢ଼ିକୁ ଗଢ଼ିତୋଳିବାରେ ଶିକ୍ଷକଙ୍କ ଭୂମିକାକୁ ସ୍ମରଣ କରି ଶ୍ରୀ ଯୋଶୀ ଶିକ୍ଷକ ସମାଜ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ପ୍ରେଜ୍-ଟିଚର୍ସ ଡେ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ହିଁ ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୬ ସମାରୋହକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଶିକ୍ଷକଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିବା ସମାଜ ହିଁ ପ୍ରଗତି ପଥରେ ଗତି କରିଥାଏ ।

**V/O (Prez-Vikshit Bharat)**

ସମାରୋହରେ ରାଷ୍ଟ୍ରପତି ମନୋନୀତ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି । ୨୭ଟି ରାଜ୍ୟ, ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ କେନ୍ଦ୍ର ସରକାରଙ୍କ ୬ଟି ସଂଗଠନ, ଉଚ୍ଚଶିକ୍ଷା ପ୍ରତିଷ୍ଠାନ,

ବେସରକାରୀ ଶିକ୍ଷା ପ୍ରତିଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ଆଦିରୁ ମନୋନୀତ ଶିକ୍ଷକ/ଶିକ୍ଷୟିତ୍ରୀ ଏଥିରେ ଅନ୍ତର୍ଭୁକ୍ତ ।

ରାଷ୍ଟ୍ରପତି ଭବନରେ ଭାରତରତ୍ନ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଷ୍ଟ୍ରପତି ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଡକ୍ଟର ରାଧାକ୍ରିଷ୍ଣନ ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ଏବଂ ୧୯୬୨ରୁ ୧୯୬୭ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

# ପିଏମ୍-ଟିଚର୍ସ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଠ୍ୟପୁସ୍ତକ ବ୍ୟତୀତ ଛାତ୍ରଛାତ୍ରୀଙ୍କ ଜୀବନଗଠନ ଏବଂ ସେମାନଙ୍କର ଶୈଶବକୁ ସଂରକ୍ଷିତ କରି ରଖିବା ପାଇଁ ଶିକ୍ଷକ ସମାଜକୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଗତକାଲି ଜାତୀୟ ଶିକ୍ଷକ ପୁରସ୍କାର ବିଜେତାଙ୍କ ସହ ମତ ବିନିମୟ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଭିତରେ ଶୈଶବକୁ ଜୀବିତ ରଖିବା ପାଇଁ ଶିକ୍ଷକ/ଶିକ୍ଷିକା କାର୍ଯ୍ୟ କରିବା ଉଚିତ୍ । କେବଳ ପାଠପଢ଼ା ଭିତରେ ନିଜକୁ ସୀମିତ ନ ରଖି ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ସେମାନଙ୍କ ଜୀବନର ଏକ ଅଂଶ ହେବାକୁ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି ।

**V/O**

ମୋବାଇଲ ଫୋନ୍ ଆଦି ଉପକରଣ ସହ ଅଧିକ ସମୟ ବିତାଉଥିବା ପିଲାଙ୍କ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଅତ୍ୟଧିକ ସ୍କ୍ରିନ୍ ସମୟ ନେଇ ଚିନ୍ତାପ୍ରକଟ କରିଛନ୍ତି । କ୍ରୀଡ଼ା, ଅନ୍ୟାନ୍ୟ ସକରାତ୍ମକ କାର୍ଯ୍ୟକଳାପ ଏବଂ ସୃଜନଶୀଳତାକୁ ଉତ୍ସାହିତ କରାଗଲେ ପିଲାମାନେ

ଏହି ସ୍କ୍ରିନ୍ ସମୟଠାରୁ ଦୂରେଇ ରହିବେ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

**V/O**

ନିଶାମୁକ୍ତ ସମାଜ ଗଠନରେ ସଚେତନତା ବୃଦ୍ଧି ଉପରେ ମଧ୍ୟ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି । ଏ ଦିଗରେ ଶିକ୍ଷକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପିଲାଙ୍କୁ ଶ୍ରେଣୀଗୃହ ବାହାର ଦୁନିଆ ସହିତ ପରିଚୟ କରାଇବା ଏବଂ ଦକ୍ଷତା ଓ ବିଭିନ୍ନ ପ୍ରକାର କାର୍ଯ୍ୟଶୈଳୀ ସହ ସେମାନଙ୍କୁ ସାମିଲ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଛନ୍ତି ।

# କେରଳ-ମିଶାବ

କେରଳମ୍‌ର ତ୍ରିଶୂର ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୮ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କାଇପାମଙ୍ଗଲମର ପାନାମ୍ବିକ୍‌କୁନୁଠାରେ ରାଜପଥ ଉପରେ ଠିଆ ହୋଇଥିବା ଏକ ଟ୍ରକ୍ ସହିତ ଗତ ରାତିରେ ଯାତ୍ରୀବାହୀ କାର୍ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । କାର୍‌ରେ ଥିବା ସମସ୍ତ ଡ୍ରାଇଭରକୁ ମିଶାଇ ସମସ୍ତ ୮ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ପଡୋଶୀ ତାମିଲନାଡୁର ସେମାନେ ଛାତ୍ର ବୋଲି ଅନୁମାନ କରାଯାଇଛି । ଯାତ୍ରୀବାହୀ ଗାଡ଼ିଟି ତାମିଲନାଡୁରେ ପଞ୍ଜିକୃତ ଥିବା ଜଣାପଡିଛି । କାର୍‌ଟି ଗୁରୁଭାୟୁର ରୁ କୋଡୁଙ୍ଗାଲୁ ଅଭିମୁଖେ ଯାତ୍ରା କରୁଥିଲା ।

# ବିହାର ଫ୍ଲଡ

ବିହାରର ଗଙ୍ଗା, ଗଣ୍ଡକ ଏବଂ କୋଶି ପ୍ରମୁଖ ନଦୀ ଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ୧୬ଟି ଜିଲ୍ଲାକୁ ବନ୍ୟା ପ୍ରଭାବିତ କରିଛି । ପାଟନା ସମେତ ୧୪ଟି ଜିଲ୍ଲାରେ ପରିସ୍ଥିତି ଗମ୍ଭୀର ରହିଛି । ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ ପାଟନାରେ ଗଙ୍ଗାନଦୀ ବିପଦ ସଙ୍କେତଠାରୁ ପ୍ରାୟ ୨ ମିଟର ଉପରେ ପ୍ରବାହିତ ହେଉଛି । ଗାନ୍ଧୀଘାଟ ଗଜ୍ ନିକଟରେ ଏକ ନୂତନ ବନ୍ୟା ଜଳସ୍ତର ରେକର୍ଡ ମାତ୍ରାରେ ବଢ଼ିବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ନଦୀପ୍ରବାହ ଅଞ୍ଚଳ ଗୁଡ଼ିକରେ ବିଶେଷକରି ଦିଆରା ଅଞ୍ଚଳ ଗୁଡ଼ିକ ଉପରେ ଚାପ ବୃଦ୍ଧି ପାଇପାରେ । ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ସମସ୍ତ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## କ୍ରିକେଟ୍-ଓ୍ୱିମେନ୍ସ ଏସିଆ କପ୍

ଟି-୨୦ ମହିଳା ଏସିଆକପ୍ କ୍ରିକେଟ୍‌ରେ ଗ୍ରୁପ୍-ଏର ଅନ୍ତିମ ମ୍ୟାଚ୍‌ରେ ଆଜି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବ ୨ଟି ମ୍ୟାଚ୍‌ରେ ଥାଇଲ୍ୟାଣ୍ଡ ଓ ହଂକଂକୁ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପହଞ୍ଚି ସାରିଛି ।

ଅନ୍ୟପକ୍ଷରେ ପାକିସ୍ତାନ କେବଳ ଗୋଟିଏ ମ୍ୟାଚ୍ ଖେଳି ଥାଇଲ୍ୟାଣ୍ଡକୁ ପରାସ୍ତ କରିଛି । ଗ୍ରୁପ୍-ଏ ରେ ପାକିସ୍ତାନ ୨ ପଏଣ୍ଟ

ପାଇଥିବା ବେଳେ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନ ପାଇଁ ଆଉ ୧ ପଏଣ୍ଟର ଆବଶ୍ୟକ କରୁଛି ।

## ସୁଟିଂ କ୍ୟାମ୍ପ-ଭୋପାଲ

ଚଳିତମାସ ଶେଷ ଆଡକୁ ଜାପାନରେ ଆରମ୍ଭ ହେବାକୁ ଥିବା ସୁଟିଂ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬ରେ ମନୋନୀତ ଭାରତୀୟ ଦଳ ଅଂଶଗ୍ରହଣ କରିବ । ଏହାର ପ୍ରସ୍ତୁତି ସ୍ୱରୂପ ଆଜି ମଧ୍ୟପ୍ରଦେଶର ଭୋପାଳସ୍ଥିତ ରାଜ୍ୟ ସୁଟିଂ ଏକାଡେମୀରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଏଥିରେ ୯ଜଣ ପୁରୁଷ ଏବଂ ୯ଜଣ ମହିଳା ଖେଳାଳିଙ୍କ ସମେତ ମୋଟ୍ ୧୮ଜଣ ଅଂଶଗ୍ରହଣ କରୁଛନ୍ତି । ମନୁ ଭାକର, ଏଶା ସିଂହ, ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମରଙ୍କ ଭଳି କ୍ରୀଡ଼ାବିତ୍ ଏଥିରେ ସାମିଲ ହୋଇଛନ୍ତି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଅନୁଷ୍ଠିତ ହେବ । ଏହାପରେ ଭାରତୀୟ ଦଳ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଜାପାନ ଗସ୍ତରେ ଯିବେ ।